ଗ୍ରାମୀଣକୃଷିମୌସମସେବା
ଭାରତୀୟପାଣିପାଗବିଭାଗ
ଜିଲ୍ଲାକୃଷିପାଣିପାଗବିଭାଗ
କୃଷିବିଜ୍ଞାନକେନ୍ଦ୍ର,ଗଜପତି
ଓଡିଶାକୃଷିଓବୈଷୟିକବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର-୭୫୧୦୦୩

**Jayashankar Pradhan**
**SMS (Agrometeorology)**

**ସପ୍ତାହ ସଂଖ୍ୟା-୨୬**

**ତାରିଖ:-୦୧.୦୭.୨୦୨୫**

## ଜିଲ୍ଲା-ଗଜପତି

ଗଜପତି ଜିଲ୍ଲାରେ ଗତସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୧.୯° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୩.୪°ସେଲସିୟସ ଥିଲା । ଗତସପ୍ତାହରେ ଜିଲ୍ଲାରେ ୨୫.୩ ମିଲିମିଟର ବର୍ଷା ହୋଇଅଛି ।

## ପାଣିପାଗ ପୂର୍ବାନୁମାନ (ତା. ୦୬.୦୭.୨୦୨୫ ରିଖ ସକାଳ ୮ ଘଣ୍ଟା ୩୦ ମିନିଟ୍ ପର୍ଯ୍ୟନ୍ତ )

ଭାରତ ପାଣିପାଗ ବିଭାଗରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ଶନିବାର ଦିନ ପର୍ଯ୍ୟନ୍ତ ହାଲୁକା ବର୍ଷା ହେବା ସହିତ ଆକାଶ ଆଂଶିକ ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚଦିନ ପର୍ଯ୍ୟନ୍ତ ପବନର ବେଗ ୦୮.୦ କିଲୋମିଟର ପ୍ରତିଘଣ୍ଟା ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୧.୦° ସେଲସିୟସ ରୁ ୩୨.୦°ସେଲସିୟସ ଏବଂ ୨୩.୦° ସେଲସିୟସ ରୁ ୨୫.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୮୯ ରୁ ୯୩ ଶତକଡା ଏବଂ ୬୫ ରୁ ୭୨ ଶତକଡା ମଧ୍ୟରେ ରହିପାରେ ।

| ଜିଲ୍ଲା | ତାରିଖ | ବର୍ଷାରପରିମାଣ(ମି.ମି.) | ସର୍ବାଧିକତାପମାତ୍ରା (°ସେ.) | ସର୍ବନିମ୍ନତାପମାତ୍ରା (°ସେ.) | ଆକାଶରେମେଘରପରିମାଣ (ଅକଟା) | ସର୍ବାଧିକଆପେକ୍ଷିକଆର୍ଦ୍ରତା(%) | ସର୍ବନିମ୍ନଆପେକ୍ଷିକଆର୍ଦ୍ରତା(%) | ପବନରବେଗ (କି.ମି. ପ୍ରତିଘଣ୍ଟା) | ପବନରଦିଗ(ଡିଗ୍ରୀ) |
|---|---|---|---|---|---|---|---|---|---|
| ଗଜପତି | ୦୨.୦୭.୨୦୨୫ | ୦୪.୦ | ୩୧.୦ | ୨୩.୦ | ୪ | ୯୩.୦ | ୭୨.୦ | ୮ | ୨୬୦ |
| | ୦୩.୦୭.୨୦୨୫ | ୦୫.୦ | ୩୨.୦ | ୨୪.୦ | ୫ | ୯୦.୦ | ୬୭.୦ | ୮ | ୨୫୪ |
| | ୦୪.୦୭.୨୦୨୫ | ୦୬.୦ | ୩୧.୦ | ୨୪.୦ | ୫ | ୯୦.୦ | ୬୫.୦ | ୮ | ୨୬୦ |
| | ୦୫.୦୭.୨୦୨୫ | ୦୬.୦ | ୩୨.୦ | ୨୫.୦ | ୫ | ୯୦.୦ | ୬୬.୦ | ୮ | ୨୬୫ |
| | ୦୬.୦୭.୨୦୨୫ | ୦୪.୦ | ୩୨.୦ | ୨୫.୦ | ୪ | ୮୯.୦ | ୬୮.୦ | ୮ | ୨୬୩ |

## ପାଣିପାଗ ଭିତ୍ତିକ କୃଷି ଉପଦେଶ

**ସାଧାରଣ ଉପଦେଶ:** ଏକ ଏକର ଧାନଚାଷ ପାଇଁ ୪୦୦ ବର୍ଗମିଟର ବା ୧୦ ଡେସିମିଲ ତଳିଘରା ଆବଶ୍ୟକ ହୋଇଥାଏ । ଧାନ ବୁଣିବା ପୂର୍ବରୁ ୧ କିଲୋଗ୍ରାମ ବିହନରେ ୧୦ଗ୍ରାମ ଟ୍ରାଇକୋଡର୍ମା କିମ୍ବା ୩ଗ୍ରାମ କାପଟାନ କିମ୍ବା ୩ଗ୍ରାମ ଥିରାମ ମିଶାଇ ବିହନ ବିଶୋଧାନ କରନ୍ତୁ । ମରୁଡ଼ିରୁ ରକ୍ଷା ପାଇବା ପାଇଁ ଉଚ୍ଚଜମିରେ ଅଣଧାନ ଫସଲ ଚାଷ କରନ୍ତୁ । ଶସ୍ୟଜାତୀୟ ଫସଲ ସହ ଡାଲି କିମ୍ବା ତୈଳବୀଜଜାତୀୟ ଫସଲକୁ ଅନ୍ତଃଚାଷ କରନ୍ତୁ । ଯଥାସମ୍ଭବ ବିହନ ବୁଣି ଅଗଷ୍ଟ ମଧ୍ୟଭାଗ ସୁଦ୍ଧା ଧାନ ରୋପଣ କାର୍ଯ୍ୟ ଶେଷ କରନ୍ତୁ । ମଧ୍ୟମ ଜମିରେ ମଧ୍ୟମ ଅବଧି ଧାନ କିସମ ଲଗାନ୍ତୁ । ଧାନକୁ ଧାଡିରେ ବୁଣନ୍ତୁ ଏବଂ ଶୀଘ୍ର ବେଉଷଣ କରନ୍ତୁ ଏବଂ ଘାସ ବାଛନ୍ତୁ । ଏହାଦ୍ୱାରା ରୋପଣ ପାଇଁ ଆବଶ୍ୟକ ବୃଷ୍ଟିପାତରୁ କମ ବୃଷ୍ଟିପାତ ଦରକାର ଏବଂ ଏହାଦ୍ୱାରା ବିଳମ୍ବରେ ଲଗାଇଲା ବେଳେ ଅଧିକ ବୟସର ତଳି ହୋଇଯିବାର ସମ୍ଭାବନାକୁ ମଧ ଏଡାଯାଇପାରିବ ।

## ଶସ୍ୟ ଭିତ୍ତିକ କୃଷି ଉପଦେଶ

**ଧାନ:** କାଦୁଅ ତଳିଘରା ପାଇଁନିର୍ବାଚିତ ଜମିକୁ ୩-୪ଓଡ ଚାଷ କରି ୨ରୁ ୩ଦିନ ପର୍ଯ୍ୟନ୍ତ ପାଣି ଭର୍ତି କରି ରଖନ୍ତୁ । ଏହା ପରେ ତଳିଘରା କୁ ଭଲଭାବରେ କାଦୁଅ କରି ମଇ ଦେଇ ସମତୁଲ କରି ଦିଅନ୍ତୁ । ଶେଷ ଓଡ ଚାଷ ବେଳକୁ ୨୦୦କିଲୋଗ୍ରାମ କମ୍ପୋଷ୍ଟ କିମ୍ବା ସଢା ଗୋବର ଖତ, ୪କିଲୋଗ୍ରାମ DAP, ୪କିଲୋଗ୍ରାମ ପଟାସ ସାର ଏହି ସମୟରେ ପ୍ରୟୋଗ କରନ୍ତୁ । ତଳଘିରା କୁ ୧.୫ ମିଟର ଓସାର ୧୦ସେ.ମିଉଚ୍ଚତା ଏବଂ ସୁବିଧା ଅନୁସାରେ ଲମ୍ବ ରଖି ଛୋଟ ଛୋଟ ପଟାଳି କରନ୍ତୁ । ପଟାଳି ମଝିରେ ୩୦ସେ.ମି ଚଉଡା ନାଳି, ଜଳସେଚନ ପାଇଁ ରଖନ୍ତୁ । ପଟାଳିର ପ୍ରତି ବର୍ଗ ମିଟର ପିଛା ୪୦-୫୦ଗ୍ରାମ ବିଶୋଧିତ ଗଜା ଧାନକୁ, ଧାଡିରେ ପ୍ରତି ୫ସେ.ମି ବ୍ୟବଧାନରେ ବୁଣନ୍ତୁ ଓ ଶୁଖିଲା ଗୋବର ଖତ କୁ ଛିଞ୍ଚି ଘୋଡାଇ ଦିଅନ୍ତୁ । ତଳିଘରାକୁ ଓଦା ରଖନ୍ତୁ ଏବଂ ଠିଆ ପାଣି କିପରି ନ ରହିବ ସେହିପରି ଯତ୍ନ ନିଅନ୍ତୁ ।

**ମକା:** ଏକ ଏକର ମକା ଚାଷ ପାଇଁ ୬-୭ କିଲୋଗ୍ରାମ ବିହନ ଦରକାର ପଡିଥାଏ।ଉପଯୁକ୍ତ ଗଛ ସଂଖ୍ୟା ରଖିବା ପାଇଁମକା ମଞ୍ଜିକୁ ସିଡଡ୍ରିଲ ବ୍ୟବହାର କରି କିମ୍ବା  ଲଙ୍ଗଳ ସିଆର ପଛରେ ଧାଡିରେ୪ରୁ ୫ସେ.ମିଗଭୀରରେ ବୁଣନ୍ତୁ।ମକା ଫସଲରେ ଘାସ ନିୟନ୍ତ୍ରଣ ପାଇଁ, ବୁଣିବାର୧ରୁ୨ଦିନ ଭିତରେ ଜମିବତର ଥିବା ଅବସ୍ଥାରେ Atrazine ଘାସମରା ଔଷଧ ଏକର ପ୍ରତି ୮୦୦-ଗ୍ରାମ ଔଷଧକୁ ୨୦୦ଲିଟର ପାଣି ରେ  ମିଶାଇ ସିଂଚନ କରନ୍ତୁ ।

**ହରଡ:** ହରଡର ଉନ୍ନତ ସଅଳ କିସମ ଗୁଡିକ ହେଲା, ପି.ଆର୍.ଜି-୧୭୬ (**PRG-୧୭୬),** ପି.ଆର୍.ଜି-୨୩୫ (**PRG-**୨୩୫) , ଭି.ଏଲ-ଅରହର-୧ (**VL-ARHAR-1),** ଟି- ଅରହର **(T-Arhar),**ଇତ୍ୟାଦି । ହରଡ ର ଉନ୍ନତ ଓ ଡେରିରେ ଅମଳ ହେଉଥିବା କିସମ ଗୁଡିକ ହେଲା ଆଶା **(Asha), Laxman,** ମାରୁତି (**Maruti),** ଟି.ଡି.ଆର.ଜି -୫୯ ( **TDRG-59** ), ପନ୍ଥ–ଏ –୭ ( **PANT-A-7**), ଜି.ଟି -୧୦୪( **GT-104**) ଇତ୍ୟାଦି । ଧାଡିରେ ବୁଣିବା ପାଇଁ ଏକରପ୍ରତି ସଅଳ ଅମଳ ହେଉଥିବା କିସମ ରୁ ୮- କିଲୋଗ୍ରାମ ଏବଂ ବିଳମ୍ବରେ ହେଉଥିବା କିସମ ପାଇଁ ୬- କିଲୋଗ୍ରାମ ବିହନ ଦରକାର ହୁଏ । ବିହନକୁ ବୁଣିବା ଆଗରୁ ଏକ କେଜି ହରଡ ବିହନରେ ୨-ଗ୍ରାମ **Carbendazim** କିମ୍ବା ୩- ଗ୍ରାମ **Carboxin** ଓ **Thiram** ର ମିଳିତ ଔଷଧ ମିଶାଇ ବିହନ ବିଶୋଧନ କରନ୍ତୁ । ବିହନ ବୁଣିବାର ଏକ ଘଣ୍ଟା ପୂର୍ବରୁ ହରଡ କୁ ରାଇଜୋବିଅମ ବୀଜାଣୁ କଲଚର ୨୦- ଗ୍ରାମ ନେଇ ଏକ କିଲୋଗ୍ରାମ ବିହନ ରେ ଗୋଳାଇ ଉପଚାର କରନ୍ତୁ ।

**ଚିନାବାଦାମ:** ଚିନାବାଦାମ ଚାଷ ପାଇଁ ଏକର ପ୍ରତି ୨ଟନ ଗୋବରଖତ ୩୫କିଲୋଗ୍ରାମ ଡ଼ିଏପି ସାର, ୪କିଲୋଗ୍ରାମ ୟୁରିଆ ସାର ଓ ୨୬କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାରକୁମୂଳ ସାରଭାବରେ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ । ଏକର ପ୍ରତି ୧୦୦ କିଲୋଗ୍ରାମ ଜିପସମ କୁ ମୂଳ ସାର ସହିତ ପ୍ରୟୋଗ କଲେମଞ୍ଜି ଭଲ ହେବା ସହିତ ତେଲ ଅଂଶ ବଢିଥାଏ। ଧାଡିକୁଧାଡି ୩୦ସେମି ଓ ଗଛ କୁଗଛ ୧୦ ସେମିବ୍ୟବଧାନ ରଖିମଞ୍ଜିକୁ ୩ ସେମି ଗଭୀରରେ ବୁଣନ୍ତୁ।

**କପା:** ବର୍ଷା ହୋଇଯାଇଥିଲେ ଜମିର ଅବସ୍ଥା ଦେଖି ଗଭୀର ଖରାଟିଆ ଚାଷ କରନ୍ତୁ । ମୋଡପତ୍ର ଲଙ୍ଗଳ କିମ୍ବା ଚକ୍ର ଲଙ୍ଗଳ (Disc plough) ରେ ଚାଷକଲେ ଗଭୀର ଚାଷ ହେବା ସଙ୍ଗେସଙ୍ଗେ ମାଟି ଭଲଭାବରେ ତଳ ଉପର ହୋଇଥାଏ । ଶେଷଥର ଜମି ପ୍ରସ୍ତୁତି ବେଳକୁ ଏକରପ୍ରତି ୨ଟନ ଶଢାଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଉପଯୁକ୍ତ ଶଙ୍କରଜାତୀୟ ବିହନ କିସମ ଏବଂ ସାର ଅଧିକୃତ ବିକ୍ରେତାଙ୍କଠାରୁ କ୍ରୟ କରି ରଖନ୍ତୁ । ବୃଷ୍ଟିପୁଷ୍ଟ ଅଞ୍ଚଳରେ ଡେରିରେ ହେଉଥିବା ଶଙ୍କରଜାତୀୟ କପା କିସମକୁ ଜଳସେଚନର ସୁବିଧା ନଥିଲେ ଚାଷ କରନ୍ତୁ ନାହିଁ ।

## ଉଦ୍ୟାନ ଭିତ୍ତିକ କୃଷି ଉପଦେଶ

**କଖାରୁଜାତୀୟ ପନିପରିବା:** ବର୍ଷା ଛାଡ଼ିଗଲା ପରେ ନିମ୍ନମୁଖୀ ପତ୍ରପୋଡାରୋଗର ପରିଚାଳନା ପାଇଁ ପ୍ରତିଲିଟର ପାଣି ରେ୩-ଗ୍ରାମ କପର ହାଇଡ୍ରୋକସାଇଡ(Copper Hydroxide)ନାମକ ଫିମ୍ପିନାଶକ ଯାହାକି ହାଇ-ଡାଇସ(Hi-dice)ବା କୋଷାଇଡ(Kocide)ନାମରେମିଳୁଛି କିମ୍ବା ପ୍ରତି ଲିଟର ପାଣି ରେ ୩-ଗ୍ରାମ ଫୋସେଟାଇଲ-ଅଲ (Fosetyl –AL)ନାମକ ଫିମ୍ପିନାଶକ ଯାହାକି ଅଲିଟେ (Aliette)ନାମରେ ମିଳୁଛି କିମ୍ବା ପ୍ରତି ଲିଟର ପାଣି ରେ୨-ଗ୍ରାମ କାରବେନଡାଜିମ (Carbendazim)ଏବଂ ମାଙ୍କୋଜେବ (Mancozeb)ର ମିଳିତ ଫିମ୍ପିନାଶକ ଯାହାକି ସାଫ (Saaf)ବା ସିକସର(Sixer)ନାମରେ ମିଳୁଛି, ମିଶାଇ ସିଞ୍ଚନ କରନ୍ତୁ ।

**ଭେଣ୍ଡି:** ବର୍ତମାନ ସମୟରେ ଭେଣ୍ଡି ଫସଲରେ ଗଣ୍ଡି ଓ ଫଳବିନ୍ଧା ପୋକର ଆକ୍ରମଣ ଦେଖାଦେବାର ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକରପ୍ରତି ୬୦୦-ମିଲି ନିମ୍ବଆଧାରିତ କୀଟନାଶକ ୧୫୦୦ PPM Azadirachtinକୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜୈବିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକରପ୍ରତି ୪୦୦-ଗ୍ରାମ Bacillus thuringiensis ଜୈବ କୀଟନାଶକ ଯାହାକି Dipole ବା Mahastra ନାମରେ ମିଳୁଛି, ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହି ପୋକର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକରପ୍ରତି ୮୦-ଗ୍ରାମ Emamectin Benzoate ନାମକ କୀଟନାଶକଯାହାକିEM-1 ବା Proclaim ନାମରେମିଳୁଛିକିମ୍ବା୮୦-ମି.ଲି. Chlorantraniliprole ନାମକ କୀଟନାଶକ ଯାହାକି Coragen ବା Cover ନାମରେ ମିଳୁଛି କିମ୍ବା ୩୦୦-ମି.ଲି. Pyridalyl ନାମକ

କୀଟନାଶକ ଯାହାକି Sumipleo ନାମରେ ମିଳୁଛି, ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ବର୍ତ୍ତମାନ ସମୟରେ ଭେଣ୍ଡି ଫସଲରେ ଶୋଷକଜାତୀୟ କୀଟ ଯଥା ଜଉପୋକ, ପତ୍ରଡିଆଁ ପୋକ, ପତ୍ରଉକୁଣି ପୋକ ଏବଂ ଧଳାମାଛି ଲାଗିବାର ସମ୍ଭାବନା ରହିଛି । ଏହି ପୋକଗୁଡିକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକରପ୍ରତି ୬୦୦-ମି.ଲି ନିମ୍ବଜାତ କୀଟନାଶକ ୧୫୦୦ ପିପିଏମକୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟଗୁଡିକର ପରିଚାଳନା ପାଇଁ ଏକରପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ ଯାହାକି Actara ବା Areva ନାମରେ ମିଳୁଛି କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ ଯାହାକି Dhanpreet ବା Manik ନାମରେ ମିଳୁଛି କିମ୍ବା ୪୦୦-ମି.ଲି. Tolfenpyrad ନାମକ କୀଟନାଶକ ଯାହାକି Keefun ନାମରେ ମିଳୁଛି, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ଲଙ୍କା: ଲଙ୍କାମରିଚ ଫସଲରେ ବର୍ତ୍ତମାନ ସମୟରେ ଅଷ୍ଟପଦୀ ଲାଗିବାର ସମ୍ଭାବନା ରହିଛି । ଅଷ୍ଟପଦୀ ଦ୍ୱାରା ଆକ୍ରାନ୍ତ ଲଙ୍କାମରିଚ ଗଛର ପତ୍ର ତଳକୁ ମୋଡି ହୋଇଯାଇଥାଏ ଏବଂ ମୋଟା ହୋଇଯାଏ । ପତ୍ରର ଡେଙ୍ଫ ଅଧିକ ଲମ୍ବା ହୋଇ ପରେ ଶୁଖି ମରିଯାଏ । ରାସାୟନିକ ଉପାୟରେ ଲଙ୍କାମରିଚ ଫସଲରେ ଅଷ୍ଟପଦୀର ପରିଚାଳନା ପାଇଁ ଏକରପ୍ରତି ୬୦୦- ମିଲି Propargite ନାମକ କୀଟନାଶକ ଯାହାକି Omite ବା Mitekill ବା Ocean ନାମରେ ମିଳୁଛି କିମ୍ବା ୧୬୦- ମିଲି Spiromesifen ନାମକ କୀଟନାଶକ ଯାହାକି Oberon ବା Danfuran ବା Voltage ନାମରେ ମିଳୁଛି କିମ୍ବା ୨୫୦-ଗ୍ରାମ Diafenthiuron ନାମକ କୀଟନାଶକ ଯାହାକି Pegasus ବା Polo ବା Ludo ନାମରେ ମିଳୁଛି, ୨୦୦- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଲଙ୍କାମରିଚ ଫସଲରେ ବର୍ତ୍ତମାନ ସମୟରେ ଶୋଷକ ପୋକ ଯଥା ଜଉପୋକ ଓ ପତ୍ରଉକୁଣି ପୋକ ଲାଗିବାର ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକରପ୍ରତି ୬୦୦ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ପିପିଏମ Azadirachtinକୁ ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହିପୋକ ଗୁଡିକର ପରିଚାଳନା ପାଇଁ ଏକରପ୍ରତି ୪୦ଗ୍ରାମ Thiamethoxam ନାମକ କୀଟନାଶକ ଯାହାକି Actara ବା Areva ନାମରେ ମିଳୁଛି କିମ୍ବା ୫୦ଗ୍ରାମ Acetamiprid ନାମକ କୀଟନାଶକ ଯାହାକି Dhanpreet ବା Manik ନାମରେ ମିଳୁଛି କିମ୍ବା ୪୦୦ମିଲି Profenophos ଓ Fenopyroximateର ମିଳିତ କୀଟନାଶକ ଯାହାକି Etna ବା Pyromax ନାମରେ ମିଳୁଛି, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ବାଇଗଣ: ତଳିଘେରାରେ ଘରାକଟା ରୋଗ ହୋଇ ତଳି ମରିବା ଦେଖାଦେଲେ, ବର୍ଷା ଛାଡ଼ିଗଲା ପରେ ଶୁଖିଲା ପାଗ ଦେଖି ୧୦-ଲିଟର ପାଣିରେ୨୦-ଗ୍ରାମ ମେଟାଲାଗଜିଲ (Metalaxyl) ଓ ମାଙ୍କୋଜେବ (Mancozeb)ର ମିଳିତ ଫିମ୍ପିନାଶକ, ମିଶାଇ ଏହି ଦ୍ରବଣ କୁ ଝରା ଦ୍ୱାରା ମାଟି କୁ ଭିଜାନ୍ତୁ । ତଳି ଉପାଡିବାର ପୂର୍ବଦିନ ସନ୍ଧ୍ୟା ସମୟରେ ୧୦-ଲିଟର ପାଣିରେ୧୦- ଗ୍ରାମଟ୍ରାଇକୋଡର୍ମା ଭିରିଡି (Trichoderma viride 1% WP) or ଟ୍ରାଇକୋଡର୍ମା ହାର୍ଜିଆନମ୍ (Trichoderma harzianum 1% WP) ମିଶାଇ, ଏହି ଦ୍ରବଣ କୁ ଝରାରେ ସ୍ପ୍ରେ କରି ମାଟି କୁ ଭଲ ଭାବରେ ଭିଜାନ୍ତୁ।

ହଳଦୀ: ମଟାଳ ଦୋରସା, ବାଲିଆ ଦୋରସା, ପାହାଡି ନାଲିମାଟିରେ ହଳଦୀ ଭଲହୁଏ । ମାତ୍ର ନିଗିଡା ଫସଫସିଆ ଉର୍ବରମାଟି ଏହି ଫସଲ ପାଇଁ ଉପଯୁକ୍ତ । ଅଧିକ ଅମଳକ୍ଷମ ବିହନ କିସମ- ରୋମା, ସୁରମା, ସୁଦର୍ଶନ, ସୁଗୁଣା, ସୁଗନ୍ଧମ, ରଙ୍ଗ, ରଶ୍ମୀ । ଏହି ବିହନ ଗୁଡିକରୁ ଅଧିକ ଶୁଖିଲା ହଳଦୀ ଅମଳ ମିଳିଥାଏ । ଏହି ହଳଦୀ କିସମ ଗୁଡିକର ରଙ୍ଗ ଗାଢ ହଳଦିଆ । ତେଣୁ ଏଥିରୁ ଭଲ ରଙ୍ଗଯୁକ୍ତ ଓ ବାସ୍ନାଯୁକ୍ତ ରପ୍ତାନୀ ଯୋଗ୍ୟ ହଳଦୀ ଗୁଣ୍ଡ ମିଳିଥାଏ । ଏହି ବିହନ କିସମଗୁଡିକ ଏହି ଅଞ୍ଚଳ ପାଇଁ ଉପଯୁକ୍ତ ବିହନ ଅଟେ । ବିହନ ପରିମାଣ- ଏକ ହେକ୍ଟର ଜମି ପାଇଁ ୨୦ରୁ୨୫ କୁଇଣ୍ଟାଲ ହଳଦୀ ବିହନ ଆବଶ୍ୟକ ହୁଏ । ୨୦ରୁ୨୫ ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ, ବିହନ ଆକାରରେ ମାଟିରେ ଲଗାଯାଏ । ବିହନଗୁଡିକୁ ଲଗାହେବା ପୂର୍ବ ଦିନ ଫୋସାଲୋନ ୩୫ଇସି ୨ମିଲି ପ୍ରତିଲିଟର + ୦.୩% କପର ଅକ୍ସିକ୍ଲୋରାଇଡ ଦ୍ରବଣରେ ୩୦ମିନିଟ ବୁଡାଇ ହଳଦୀ ବିହନ ବିଶୋଧନ କରାଯାଏ ।

ଅଦା: କିସମ :ସୁରୁଚି, ସୁରଭି, ସୁପ୍ରଭା । ବିହନପରିମାଣ :୧୫୦୦-୧୮୦୦କିଲୋଗ୍ରାମ ଅଦାଖଣ୍ଡ । ବିହନ ବିଶୋଧନ :ଲଗାହେବା ପୂର୍ବରୁ ଅଦାଖଣ୍ଡ ଗୁଡିକୁ ମାଙ୍କୋଜେବ କିମ୍ବା କପର ଅକ୍ସିକ୍ଲୋରଇଡ ୩ଗ୍ରାମ ପ୍ରତିଲିଟର କିମ୍ବା ୨୦୦ପିପିଏମ ଷ୍ଟ୍ରେପ୍ଟୋସାଇକ୍ଲିନ ସହିତ ୩୦ମିନିଟ ବୁଡାଇ ରଖି ବିଶୋଧନ କରନ୍ତୁ । ବ୍ୟବଧାନ: ଜଳସେଚିତ ଫସଲ -ପଟାଳୀ ଏବଂ ସିଆରରେ ୪୦X୨୦ସେମି । ବର୍ଷାଉପରେ ନିର୍ଭର ଫସଲ -ପଟାଳୀରେ୨୦X୨୦ସେମି କିମ୍ବା ୨୫X୨୫ସେମି । ଖତସାର: ମୂଳସାର- ଖତ ୨୫-୩୦ଟନ୍ + ୩୦ଟନ ସବୁଜପତ୍ର ତିନି ଭାଗରେ ଆଚ୍ଛାଦ ଭାବରେ ଲଗାଇବା ପରେ ତୁରନ୍ତ ୧୫ଟନ୍, ୭.୫ଟନ୍ ଲେଖାଏଁ ଲଗାଇବାର ୬୦ଦିନ ଏବଂ ୧୨୦ଦିନ ପରେ, ହେକ୍ଟରପ୍ରତି ୫୦:୨୫ କିଲୋଗ୍ରାମ ଫସଫରସ୍ ଏବଂ ପୋଟାସିୟମ ପ୍ରୟୋଗ କରନ୍ତୁ ।

## ପଶୁ ପାଳନ

ଛେଳି: ଗୁହାଳରେ ବାଲି ବ୍ୟବହାର କରିବା ଦ୍ୱାରା ଗୁହାଳ ଚଟାଣ ଶୁଖିଲା ରୁହେ ଯାହାଦ୍ୱାରା ପଶୁମାନେ ବିଭିନ୍ନ ରୋଗ ଦାଉରୁ ରକ୍ଷା ପାଇଥାନ୍ତି । ଏହିପ୍ରକାର ଗୁହାଳର ବିଶେଷତ୍ୱ ଯେ ଚଟାଣଟି ଇଟା, ସିମେଣ୍ଟ ଦ୍ୱାରା ତିଆରି ହୋଇଥାଏ ଏବଂ ତା'ଉପରେ ନଈବାଲି ୪୬-ଇଞ୍ଚ ପକାଯାଏ । ଏହାଦ୍ୱାରା ମୂତ୍ରକୁ ବାଲି ଶୋଷି ନେଇଥାଏ, ଫଳରେ ପଶୁ ସହଜରେ ତା'ଉପରେ ଶୋଇପାରେ । ଛେଳି ମୁଖ୍ୟତଃ ନେଣ୍ଡି ମଳ ପରିତ୍ୟାଗ କରିଥାଏ ତେଣୁ ଉପରେ ଉପରେ କେବଳ



**Ph.: 06817 291283 (Off. & Fax)**
**E-mail: damugajapati@gmail.com& kvkgajapati.ouat@gmail.com**

ନେଣ୍ଡିକୁ ସଫାକରିବା ସହଜ ହୋଇଥାଏ । ୧୫-୨୦ଦିନ ବ୍ୟବଧାନରେ ଚଟାଣର ବାଲି ଶୁଖିବା ପାଇଁ ବାଲିକୁ ଓଲଟ ପାଲଟ କରି ଦେଲେ ବାଲି ଦେହରେ ଜମା ହୋଇଥିବା ମୂତ୍ର ଶୁଖିଯାଇଥାଏ । ଛେଳି ଛୁଆ ପାଇଁ ୦.୫, ବଡ ଛେଳି ପାଇଁ ୧.୨ ଓ ବୋଦା ଏବଂ ଗର୍ଭବତୀ ଛେଳି ପାଇଁ ୨ବର୍ଗମିଟର ଚଟାଣ ଆବଶ୍ୟକ ଯାହାକି ସବୁପ୍ରକାର ଗୁହାଳ ପାଇଁ ପ୍ରଯୁଜ୍ୟ ହୋଇଥାଏ ।

## କୁକୁଡା ପାଳନ

**କୁକୁଡା:** ବର୍ଷା ଋତୁରେ କୁକୁଡ଼ା ଫାର୍ମରେ ପବନର ଚଳପ୍ରଚଳ କିମ୍ବାଉଚିତ୍ ଭେଣ୍ଟିଲେସନ୍ ପାଇଁ ଉପଯୁକ୍ତ ପ୍ରବନ୍ଧ କରନ୍ତୁ ଯେପରିକିକୁକୁଡ଼ା ସେଡର ଉପର ପାର୍ଶ୍ୱରେ ୧ ରୁ ୨ ଫୁଟ୍ ଖୋଲା ରଖନ୍ତୁଏବଂ ସେଡର ପାର୍ଶ୍ୱ କାନ୍ଥଗୁଡିକ ପଲିଥିନ ପରଦା ଦ୍ୱାରା ସମ୍ପୂର୍ଣ୍ଣ ଆଚ୍ଛାଦିତ ରଖନ୍ତୁ। କିଟମାନଙ୍କଆକ୍ରମଣରୁ କୁକୁଡ଼ାମାନଙ୍କୁ ରକ୍ଷା କରିବା ପାଇଁ ସେଡର ଚାରିପାଖରେ ଥିବା ନାଳିଗୁଡିକୁ ସ୍ୱଚ୍ଛ ଓ ସୁଖା ରଖନ୍ତୁ ଏବଂ ବର୍ଷା ଜଳ ସେଡ୍ ଭିତରକୁ ସିଧାସଳଖ ପ୍ରବେଶକୁ ନ କରିବା ପାଇଁ ଉଚିତ ବ୍ୟବସ୍ଥା କରନ୍ତୁ।ରାନିକ୍ଷେତ ରୋଗ ବିରୁଦ୍ଧରେ କୁକୁଡ଼ା ମାନଙ୍କର ଟୀକାକରଣ ଏବଂ କୃମି ନ ହେବା ପାଇଁ ଔଷଧର ବ୍ୟବସ୍ଥା ନିଶ୍ଚୟ କରାଯିବା ଉଚିତ ।

## ମତ୍ସ୍ୟ ପାଳନ

**ମାଛ:** ଗୋଟିଏ ପ୍ରକାର ମାଛ ଚାଷ କରିବା ଅପେକ୍ଷା 2ରୁ ଅଧିକ ପ୍ରକାର ମାଛ ଚାଷ କଲେ ଅଧିକ ଲାଭ ମିଳିଥାଏ । ପୋଖରୀରେ  ବିଭିନ୍ନ ସ୍ତରରୁ ଖାଦ୍ୟ ଖାଇ ବଢିଥିବା କାର୍ପ ଜାତୀୟ ମାଛ ଯଥା ଭାକୁର, ରୋହି ଓ ମିରିକାଳୀ ଏକ ନିର୍ଦ୍ଦିଷ୍ଟ ଅନୁପାତ ଯେପରିକି ଭକୁର30-40 ଭାଗ, ରୋହି50-60 ଭାଗ ଓ ମିରିକାଳୀ10-20 ଭାଗ ଚାଷ କରିବା ଦ୍ବାରା ଅଧିକ ଲାଭ ମିଳିଥାଏ । ଏହାବ୍ୟତୀତ  କିଛି ସଂଖ୍ୟାରେsilver carp, grass carp ଓ common carp କିମ୍ବା Amur carp ପୋଖରୀରେ ଛାଡି ଉତ୍ପାଦନକୁ ଅଧିକ କରାଯାଇ ଥାଏ । ପୋଖରୀରେ ଛୋଟ ଆକାରର ଯାଆଁଳ ଛାଡିବା ଦ୍ବାରା ପ୍ରାରମ୍ଭିକ ମାସରେ ଅଧିକ ମୃତ୍ୟୁ  ହାର ଏବଂ ଧୀର ଅଭିବୃଦ୍ଧି ହୋଇପାରେ। ତେଣୁ ଯାଆଁଳ ଅଧିକ ହାରରେ ବଞ୍ଚିବା ଏବଂ ଭଲ ବଢିବା ପାଇଁ 50-100 ଗ୍ରାମ ଆକାରର ଯାଆଁଳକୁ ଛାଡିବା ଉଚିତ ।ସାଧାରଣତଃ ପୋଖରୀରେ ଏକର ପିଛା 2000-3000 ଜାତିଆ ବଡ ଯାଆଁଳ ଛଡ଼ାଯାଏ। ମାଛ ମାନଙ୍କୁ ପ୍ରାଥମିକ ସ୍ତରରେବାଦାମ ପିଡିଆ ଓ କାଣ୍ଡିଆ କୁଣ୍ଡା ସମାନ ଅନୁପାତରେ ମିଶାଇ ଛଡା ଯାଇଥିବା ଯାଆଁଳ ଓଜନର  ଶତକଡା 5 ଭାଗ ଖାଇବାକୁ ଦିଆଯାଏ। ପୋଖରୀରଉର୍ବରତା  ବଜାୟ ରଖିବା ପାଇଁ କଞ୍ଚା ଗୋବର ସହିତ urea ଓ single super phosphate ପକାଯାଏ। ଏହା ଦ୍ବାରା ମାଛ ମାନେ ଭଲ ବଢନ୍ତି ଏବଂ 8ରୁ10 ମାସ ଭିତରେ ବିକ୍ରି ଯୋଗ୍ୟ ହୋଇଯାନ୍ତି ।

**SENIOR SCIENTIST AND HEAD CUM NODAL OFFICER**
**DISTRICT AGROMET UNIT, KVK GAJAPATI**



**Ph.: 06817 291283 (Off. & Fax)**
**E-mail: damugajapati@gmail.com& kvkgajapati.ouat@gmail.com**